**ଭାରତୀୟ ଜନତା ପାର୍ଟି**

**କେନ୍ଦ୍ରୀୟ କାର୍ଯ୍ୟାଳୟ**

**୧୧, ଅଶୋକ ରୋଡ଼, ନୂଆଦିଲ୍ଲୀ–୧୧୦୦୦୧**

**ବି.ଜେ.ପି ର ରାଷ୍ଟ୍ରୀୟ ପ୍ରବକ୍ତା ଶ୍ରୀମତୀ ନିର୍ମଳା ସୀତାରାମନଙ୍କ ପ୍ରେସ ଇସ୍ତାହାର ।**

**ତା.୦୮.୦୧.୨୦୧୪**

ବାଙ୍ଗଲାଦେଶରେ ବାସ କରୁଥିବା ସଂଖ୍ୟାଲଘୁ ହିନ୍ଦୁଙ୍କ ପ୍ରତି ହେଉଥିବା ଅତ୍ୟାଚାର ନେଇ ବି.ଜେ.ପି ଖୁବ ଗୁରୁତ୍ତର ଭାବେ ଚିନ୍ତା ପ୍ରକାଶ କରେ ।

କୌଣସି ଦେଶର ଘରୋଇ ସୁରକ୍ଷା ଯଦିଓ ତାହାର ଆଭ୍ୟନ୍ତରୀଣ ବ୍ୟାପାର ତଥାପି ସେଠାରେ ନିର୍ବାଚନ ପରେ ପରେ ସଂଖ୍ୟା ଲଘୁ ହିନ୍ଦୁ ମାନଙ୍କ ଉପରେ ହୋଇଥିବା ଅତ୍ୟାଚାର ଆମକୁ ସ୍ୱର ଉତ୍ତୋଳନ କରିବାକୁ ବାଧ୍ୟ କରାଏ । ଉତ୍ତର ଠାକୁରଗାଓଁର ଜିଲ୍ଲା, ଚିତାଗାଓଁର ଦକ୍ଷିଣସ୍ଥ ଜିଲ୍ଲା ଓ ଜେସୋରର ପଶ୍ଚିମାଞ୍ଚଳରେ ଏହିପରି ଆକ୍ରମଣ ବାରମ୍ବାର କରି ହୋଇଚାଲିଛି । ଯାହାକି ବାଙ୍ଗଲାଦେଶର ଗଣମାଧ୍ୟମରେ ବର୍ଣ୍ଣନା କରାଯାଉଅଛି । ସେଠାରେ ନିର୍ବାଚନର ପରେ ପରେ କିପରି ଶହ ଶହ ଗାଆଁମାନଙ୍କୁ ଲୁଟ କରାଗଲା ତାହା ମଧ୍ୟ ପ୍ରକାଶ ପାଇଥିଲା । ସେହିପରି ପାକିସ୍ତାନର ହିନ୍ଦୁ ସମ୍ପ୍ରଦାୟ ମଧ୍ୟ ଅତ୍ୟାଚାର, ଘର୍ଷଣ ତଥା ଧର୍ମାନ୍ତୀକରଣର ଅଭିଯୋଗ କରିଛନ୍ତି । ୨୦୧୨ ମସିହାରେ ଉକ୍ତ ଅତ୍ୟାଚାରରେ ପିଡ଼ୀତ ହୋଇ ୩୦୦ ପାଖାପାଖି ଲୋକ ଭାରତରେ ଶରଣ ନେଇଥିବା ବେଳେ ପୂର୍ବ ବର୍ଷ ମଧ୍ୟ ବହୁ ସଂଖ୍ୟକ ହିନ୍ଦୁ ଭାରତରେ ଶରଣାର୍ଥୀ ସାଜିଥିଲେ । ୟୁ.ଏନ ର ଏକ ନିୟୁଜ ଚ୍ୟାନେଲ, ଆଇ.ଆର.ଆଇ.ଏନ ପ୍ରକାଶ କରିଅଛି ଯେ ସେଠାକାର ହିନ୍ଦୁ ବାଳିକା ମାନଙ୍କୁ ଘର୍ଷଣ କରିବା ଜନିତ ସେମାନେ ବାଧ୍ୟହୋଇ ଧର୍ମାନ୍ତୀକରଣ କରୁଛନ୍ତି । ଏପରି ୧୫ ରୁ ୨୦ ଟି ଘଟଣା ପ୍ରତିବର୍ଷ କେଶ ଦାଖଲ କରାଯାଉଅଛି । । ଏସିଆନ ହ୍ୟୁମାନ ରାଇଟ କମିଶନ ମଧ୍ୟ ସେଇ ଏକା କଥା ପ୍ରକାଶ କରିଅଛି । ଆମ ପଡ଼ୋଶୀ ବାଙ୍ଗଲାଦେଶ ହେଉ ବା ପାକିସ୍ଥାନ ହେଉ ଉକ୍ତ ଦେଶ ସହ ସୁସମ୍ପର୍କ ଅଭାବ ବା ଦୁର୍ବଳ ବୈଦେଶିକ ନୀତି ଯୋଗୁଁ ସେଠାକାର ହିନ୍ଦୁମାନେ ଅତ୍ୟାଚାରର ଶୀକାର ହେଉଛନ୍ତି ।

ତେଣୁ ମୁଁ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କୁ ଦାବି କରେ କି, ସେ ଉପଯୁକ୍ତ କୂଟନୀତି ପ୍ରୟୋଗ ଦ୍ୱାରା ଉକ୍ତ ଗମ୍ଭୀର ସମସ୍ୟାର ସମାଧାନ ପ୍ରତି ଯତ୍ନଶୀଳ ହୁଅନ୍ତୁ ।

ଇଂ ଅରୁଣ କୁମାର ଜୈନ

କାର୍ଯ୍ୟାଳୟ ସମ୍ପାଦକ